بسم الله الرحمن الرحيم

**ଖୁତ୍‌ବା ଜୁମା ୭ ଅପ୍ରେଲ୍ ୨୦୨୩ର ସାରାଂଶ**
**ସ୍ଥାନ- ମସ୍‌ଜିଦ୍ ବୈତୁଲ୍ ଫୁତୁହ୍, ଲଣ୍ଡନ (ୟୁ.କେ)**

**ପୁଣ୍ୟାତ୍ମା ହ. ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା । ପ୍ରତ୍ୟେକ ବିରୋଧୀମାନଙ୍କ ସମସ୍ତ ପ୍ରକାରର ଅନିଷ୍ଟତା ଠାରୁ ସୁରକ୍ଷିତ ରହିବା, ସଂସାରର ସାମଗ୍ରିକ ପରିସ୍ଥିତି ଓ ପାଲେଷ୍ଟାଇନର ମୁସଲମାନମାନଙ୍କ ପାଇଁ ପବିତ୍ର ରମଜାନ ମାସରେ ଦୁଆ କରିବା ନିମନ୍ତେ ହୁଜୁର ଅନୱର ଅ.ବଙ୍କ ବିଶେଷ ଆହ୍ୱାନ ।**

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ;- ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ଉପରେ ଧର୍ମ ଓ ଧର୍ମବିଧାନକୁ ସଂପୂର୍ଣ୍ଣ କରିଦେଲେ । ଅତଏବ ତତ୍‌ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ଏହି ଘୋଷଣା କଲେ: اَلْيَوْمَ اَكْمَلْتُ لَكُمْ دِيْنَكُمْ وَاَتْمَمْتُ عَلَيْكُمْ نِعْمَتِيْ وَرَضِيْتُ لَكُمُ الْاِسْلَامَ دِيْنًا ଅର୍ଥାତ ଆଜିର ଦିନରେ ଆମ୍ଭେ ତୁମ ପାଇଁ ତୁମର ଧର୍ମକୁ ପୂର୍ଣ୍ଣ କରିଦେଲୁ ଏବଂ ତୁମ ଉପରେ ନିଜର ପୁରସ୍କାରକୁ ପୂର୍ଣ୍ଣ କରିଦେଲୁ ଏବଂ ଇସ୍‌ଲାମ୍ ଧର୍ମକୁ ଆମ୍ଭେ ତୁମମାନଙ୍କ ସକାଶେ ଏକ ଧର୍ମ ରୂପେ ପସନ୍ଦ କଲୁ । ଅତଏବ ଅଲ୍ଲାଃତାଲାଙ୍କର ମୁସଲମାନମାନଙ୍କ ଉପରେ ଏହି ମହୋପକାର ଯେ, ମୁସଲମାନମାନଙ୍କ ନିମନ୍ତେ ଏକ ସଂପୂର୍ଣ୍ଣ ଧର୍ମ ବିଧାନ ପ୍ରଣୟନ କରିଦେଲେ । ଏହି ଦାବି କେବଳ ଇସ୍‌ଲାମ୍ ଧର୍ମ ହିଁ ଉପସ୍ଥାପିତ କରିଛି । ଅନ୍ୟ କୌଣସି ଧର୍ମ ଏହି ଦାବି କରି ନାହିଁ । କାରଣ ବର୍ତ୍ତମାନ ପୂର୍ଣ୍ଣାଙ୍ଗ ଓ ଶ୍ରେଷ୍ଠ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ ଏବଂ ଏହି ଧର୍ମ ହିଁ ଅଲ୍ଲାଃତାଲାଙ୍କର ଅତି ପ୍ରିୟ ଧର୍ମ । ସୁତରାଂ ଯଦି ତୁମେମାନେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ଲାଭ କରିବାକୁ ଇଚ୍ଛୁକ ତେବେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ବ୍ୟତୀରେକ, ତାହାଙ୍କର ପ୍ରଦତ୍ତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ବ୍ୟତୀରେକ ଅନ୍ୟ କୌଣସି ଉପାୟ ନାହିଁ । ଅଲ୍ଲାଃତାଲା ଏହି ଘୋଷଣା କରିଛନ୍ତି ଯେ, କୁରଆନ୍‌ର ଶିକ୍ଷା ହିଁ ବର୍ତ୍ତମାନ ମନୁଷ୍ୟର ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ଉନ୍ନତିର ଏକମାତ୍ର ପନ୍ଥା । ଏହି ଶିକ୍ଷା ଏଭଳି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଯେ, ବସ୍ତୁବାଦୀ ଉନ୍ନତି ସାଧିତ ହେବା ନିମନ୍ତେ ଉକ୍ତ ଶିକ୍ଷାଟି ଉଦ୍ଦିଷ୍ଟ ଅଟେ ।

ଅଲ୍ଲାଃତାଲା ଯେତେବେଳେ ଉକ୍ତ ଶିକ୍ଷା ସଂକ୍ରାନ୍ତରେ اَكْمَلْتُ ର ଘୋଷଣା କଲେ ସେତେବେଳେ ତହିଁରୁ ଯଥାର୍ଥ ଏହା ଥିଲା ଯେ, ମନୁଷ୍ୟର ସକଳ ସାମର୍ଥ୍ୟ ଅର୍ଥାତ ତାହା ଚାରିତ୍ରିକ ହେଉ ଅବା ଆଧ୍ୟାତ୍ମିକ ହେଉ ସେଗୁଡ଼ିକର ପ୍ରାପ୍ତି କୁରଆନ୍ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ସମ୍ଭବପର ହୋଇପାରିବ । ସେହିପରି ଅଲ୍ଲାଃତାଲା اَتْمَمْتُ କହି ପୂର୍ଣ୍ଣ ରୂପେ ଜୋର୍ ଦେଇ ଏହି ଘୋଷଣା କଲେ ଯେ, ମନୁଷ୍ୟର ଯାହାକିଛି ବି ଆବଶ୍ୟକତା ରହିଥିଲା ସେଗୁଡ଼ିକର ପ୍ରତ୍ୟେକ ଦୃଷ୍ଟିରୁ ସଂପୂର୍ଣ୍ଣକାରୀ ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍ । ଏଭଳି କୌଣସି ଆବଶ୍ୟକତା ନାହିଁ ଯାହାକି ପବିତ୍ର କୁରଆନ୍ ଆୟୁଦ୍ଧ କରି ନାହିଁ । ସେ ପଛେ ମନୁଷ୍ୟର ବସ୍ତୁବାଦୀ ଆବଶ୍ୟକତା ହେଉ ଅବା ଆଧ୍ୟାତ୍ମିକ ଏବଂ ଚାରିତ୍ରିକ ସ୍ତରରେ ଉପନୀତ ହେବା ଉଦ୍ଦେଶ୍ୟ ଥାଉ ।

ଉକ୍ତ ଆୟତ୍ ସହିତ କୁରଆନ୍ ଏହା ମଧ୍ୟ ଘୋଷଣା କରିଦେଲା ଯେ, ବର୍ତ୍ତମାନ ମନୁଷ୍ୟର ସ୍ଥାୟୀତ୍ୱତା ଉକ୍ତ ଶିକ୍ଷା ସହିତ ସଂଶ୍ଳିଷ୍ଟ ଏବଂ ଉକ୍ତ ଶିକ୍ଷା ସମଗ୍ର ଯୁଗ ଓ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ପବିତ୍ର କୁରଆନ୍ ପୂର୍ବରୁ ଅବତୀର୍ଣ୍ଣ ହୋଇଥିବା ସମସ୍ତ ଶିକ୍ଷା ଯାହାକି ବିଭିନ୍ନ ନବୀମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଛି ତାହା ସାମୟିକ ଓ ନିର୍ଦ୍ଦିଷ୍ଟ

ଯୁଗାନୁସାରେ ଥିଲା । ଉକ୍ତ ପ୍ରସଙ୍ଗର ସ୍ପଷ୍ଟୀକରଣ ଦର୍ଶାଇ ଆପଣ ଅ.ସ ଏହା ମଧ୍ୟ ଘୋଷଣା କଲେ ଯେ, ତହିଁରୁ ଏହା ପ୍ରମାଣିତ ହୁଏ ଯେ, ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାର ଅଭିପ୍ରାୟ ମଧ୍ୟ ଚରିତାର୍ଥ ହୋଇଗଲା ଯେ, ଆପଣ ସ.ଅ ହିଁ ସେହି ପୂର୍ଣ୍ଣ ଓ ନବୀ ଶିରୋମଣି ଯାହାଙ୍କ ଉପରେ ଅନ୍ତିମ ଧର୍ମବିଧାନ ଅବତୀର୍ଣ୍ଣ ହେଲା । ଆପତ୍ତିକାରୀମାନେ ଆପତ୍ତି କରନ୍ତି ଯେ, ଯଦି ଆପଣ ଏହି ବିଶ୍ୱାସ ରଖନ୍ତି ଯେ, ପବିତ୍ର କୁରଆନ୍ ହେଉଛି ଶେଷ ଧର୍ମବିଧାନ ଏବଂ ଆଁହଜରତ ସ.ଅଙ୍କୁ ଶେଷ ନବୀ ବୋଲି ଗ୍ରହଣ କରୁଛନ୍ତି ତେବେ ଆପଣ ଅ.ସଙ୍କର ଦାବିର କୌଣସି ପ୍ରାସଙ୍ଗିକତା ତଥା ଆବଶ୍ୟକତା ଆଉ ବାକି ରହୁ ନାହିଁ ତେବେ ସାଂପ୍ରତିକ ଯୁଗରେ ଆପଣ ଅ.ସଙ୍କ ଆଗମନର ଆବଶ୍ୟକତା କାହିଁକି ପଡ଼ିଲା ? ସୁତରାଂ ହ. ମସିହ୍ ମଉଦ୍ ଅ.ସ ଉକ୍ତ ପ୍ରଶ୍ନର ଉତ୍ତର ଏକ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ଅର୍ଥାତ ତୁମେମାନେ ଯଦି ଇସ୍‌ଲାମୀୟ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରୁଛ ତେବେ ଠିକ୍ ଅଛି, ମୋର ଆଗମନର କୌଣସି ଆବଶ୍ୟକତା ନଥିଲା । କିନ୍ତୁ ଯୁଗର ସାମଗ୍ରିକ ତଥା ବିଶେଷ ରୂପେ ମୁସଲମାନମାନଙ୍କର ନିଜର ଅବସ୍ଥା ଉକ୍ତ କଥାର ଘୋଷଣା କରୁଛି ଯେ, କୌଣସି ଏକ ଶିକ୍ଷକଙ୍କର ନିହାତି ଆବଶ୍ୟକତା ରହିଛି ।

ଆପଣ ଅ.ସ ନିଜର ପତ୍ର ପତ୍ରିକା ଓ ପୁସ୍ତକଗୁଡ଼ିକରେ ସର୍ବତ୍ର ଏହା ହିଁ ଦର୍ଶାଇଛନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆପଣ ସ.ଅଙ୍କ ଧର୍ମ ଏବଂ କୁରଆନ୍ କରୀମ୍‌ର ଶିକ୍ଷାକୁ ସମଗ୍ର ସଂସାରରେ ପ୍ରସାରିତ କରିବା ନିମନ୍ତେ ଆସିଅଛି। ସୁତରାଂ ଆପଣ ଅ.ସ ଏହି କାର୍ଯ୍ୟକୁ ସମ୍ପାଦନ କଲେ ଏବଂ ଉକ୍ତ କାର୍ଯ୍ୟକୁ ଅବ୍ୟାହତ ରଖିବା ନିମନ୍ତେ ଜମାଅତ୍ ଅହେମଦିୟା ସ୍ଥାପିତ ହୋଇଛି । ଉକ୍ତ କାର୍ଯ୍ୟକୁ ହିଁ ଜମାଅତ୍ ଅହେମଦିୟା ଆପଣ ଅ.ସଙ୍କ ପ୍ରଦତ୍ତ ଲେଖନୀ, ଆପଣଙ୍କ ଦ୍ୱାରା ବର୍ଣ୍ଣିତ କୁରଆନୀୟ ବ୍ୟାଖ୍ୟା ଅନୁଯାୟୀ ସମ୍ପାଦନ କରୁଅଛି । ଉକ୍ତ କଥା ଉପରେ ପ୍ରତ୍ୟେକ ଅହେମଦିକୁ ଚିନ୍ତା କରିବା ଉଚିତ ଯେ, ଉକ୍ତ ଅଭିପ୍ରାୟକୁ ଆମେମାନେ କେତେଦୂର ପର୍ଯ୍ୟନ୍ତ ପୂର୍ଣ୍ଣ କରୁଛେ । ସାମଗ୍ରିକ ରୂପେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ ଏବଂ ହେଉଅଛି । କିନ୍ତୁ ବ୍ୟକ୍ତିଗତ ରୂପେ ମଧ୍ୟ କାର୍ଯ୍ୟକ୍ରମମାନ ହେବା ଉଚିତ। ଅତଃ ଯେତେବେଳେ ଆମେମାନେ ଉକ୍ତ ଉଦ୍ଦେଶ୍ୟ ରଖି କାର୍ଯ୍ୟ ସମ୍ପାଦନ କରିବୁ ସେତେବେଳେ ଆମ ବୈଅତ୍‌ର ପ୍ରକୃତ ଉଦ୍ଦେଶ୍ୟ ପୂର୍ଣ୍ଣ ରୂପେ ସାଧିତ ହେବ । ଅତଏବ ଏଥିପାଇଁ ଆମମାନଙ୍କୁ କୁରଆନ୍ ପାଠ କରିବାକୁ ହେବ ଏବଂ ବୁଝିବା ପ୍ରତି ଧ୍ୟାନ ଦେବାକୁ ହେବ । ଏଥିପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଓ ତାହାଙ୍କ ଲେଖନୀଗତ ନୀତିନିୟମ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଗତ କିଛି ଖୁତ୍‌ବାରେ ମୁଁ କ୍ରମାଗତ ଭାବରେ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ କେତେକ ଉପଦେଶାବଳୀର ବର୍ଣ୍ଣନା କରୁଛି । ଆଜି ମଧ୍ୟ କୁରଆନ୍ କରୀମ୍‌ର ସଂପୂର୍ଣ୍ଣ ହେବା ପ୍ରସଙ୍ଗରେ ଆପଣ ଅ.ସଙ୍କ ଶିକ୍ଷାର ପୂର୍ଣ୍ଣ ହେବା ସଂକ୍ରାନ୍ତରେ କେତେକ ଉପଦେଶାବଳୀ ଉପସ୍ଥାପିତ କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା '**ଦଶ୍ ଶରାଏତେ ବୈଅତ୍**' (ବୈଅତ୍‌ର ଦଶଟି ସର୍ତ୍ତାବଳୀ)ରେ ଏକଥା ଅନ୍ତର୍ଭୁକ୍ତ ଯେ, ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀକୁ ସଂପୂର୍ଣ୍ଣ ରୂପେ ନିଜ ଉପରେ ଲାଗୁ କରିବି । ସୁତାରଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ରମଜାନ ମାସରେ ଏହି ଆଦେଶାବଳୀ ଉପରେ ଯଦି କାର୍ଯ୍ୟାନୁସରଣ କରିବା ପ୍ରତି ନିଷ୍ପତ୍ତି ନିଅନ୍ତି ତେବେ ଆମେମାନେ କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ଉନ୍ନତି କରିବୁ ତାହା ନୁହଁ ବରଂ ଆମର ସମାଜ ମଧ୍ୟ ସ୍ୱର୍ଗପୁର ସଦୃଶ ପାଲଟିଯିବ ।

ହୁଜୁର ଅନୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରଦତ୍ତ ଉପଦେଶାବଳୀର ଉଦାହରଣ ଦେଇ କହିଲେ, ମନୁଷ୍ୟ ସ୍ୱଭାବରେ ଯେଉଁପର୍ଯ୍ୟନ୍ତ ପରିବର୍ତ୍ତନ ସମ୍ଭବପର ହୋଇପାରେ ଏବଂ କୁକର୍ମରେ ସେମାନେ କିପରି ଅଗ୍ରସର ହୋଇପାରନ୍ତି ସେହି ସମସ୍ତ ମନ୍ଦତା ତଥା ଦୋଷ ଦୁର୍ବଳତାର ପବିତ୍ର କୁରଆନ୍ ମାଧ୍ୟମରେ ସଂଶୋଧନ କରାଯାଇଛି । ଏଣୁ ପ୍ରଭୁ ଏଭଳି ପରିସ୍ଥିତିରେ କୁରଆନ୍ ଅବତୀର୍ଣ୍ଣ କଲେ ଯେତେବେଳେ ମାନବ ଜାତି ମଧ୍ୟରେ ଏହି ସମସ୍ତ ଦୋଷ ଦୁର୍ବଳତା ଏବଂ ଶଠତା ଉତ୍ପନ୍ନ ହୋଇଯାଇଥିଲା ଏବଂ କ୍ରମଶଃ ମନୁଷ୍ୟର ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତ୍ୟେକ ଆସ୍ଥା, ବିଶ୍ୱାସ ଓ କୁକର୍ମ ଦ୍ୱାରା କଳୁଷିତ ହୋଇଯାଇଥିଲା ଏବଂ ପ୍ରଭୁଙ୍କର ସେହି ବ୍ରହ୍ମଜ୍ଞାନ ଏହା ଆଶା କଲା ଯେ, ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ତାହାଙ୍କର ଭବ୍ୟବାଣୀ ସମ୍ବଳିତ ଏକ ପବିତ୍ର ଗ୍ରନ୍ଥ ଅବତୀର୍ଣ୍ଣ ହେଉ । କାରଣ ଦୋଷ ଦୁର୍ବଳତା, ତ୍ରୁଟିବିଚ୍ୟୁତି ସୃଷ୍ଟି ହେବା ପୂର୍ବରୁ ଏହିଭଳି ଲୋକମାନଙ୍କୁ ପାପ ଓ ଅବିଶ୍ୱାସ ତଥା କୁସଂସ୍କାର ସଂପର୍କରେ ଅବଗତ କରାଇବା ଯେଉଁ ପାପ, କୁସଂସ୍କାର ତଥା

ପ୍ରଥା ଓ ପରମ୍ପରା ସହିତ ସେମାନେ ସଂପୂର୍ଣ୍ଣ ରୂପେ ଅବଗତ ଏବଂ ଜଡ଼ିତ ଅଟନ୍ତି । ଏହି ପାପ ଅପ କର୍ମ କରିବା ପ୍ରତି ଓ ପାପ ପ୍ରବଣ ହେବା ସ୍ୱରୂପ କାର୍ଯ୍ୟ କରିଥାଏ ।

ହୁଜୁର ଅନୱର୍ ଅ.ବ କହିଲେ, ଜ୍ଞାନୀ ତଥା ବିଦ୍ୱାନ୍ ବ୍ୟକ୍ତିମାନେ ସାଧାରଣ ବ୍ୟକ୍ତିଙ୍କ ସହିତ ସମାନ ହୋଇପାରିବେ ନାହିଁ । ତେଣୁ ଯେଉଁ ଯେଉଁ ବାଣୀ ପ୍ରଭୁଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଥିବ ତାହା ମାନବିକ ବାଣୀ ଠାରୁ ଶ୍ରେଷ୍ଠ ହେବା ବିଧେୟ । ମନୁଷ୍ୟଗତ ବାଣୀ ଐଶୀବାଣୀ ସମତୁଲ୍ୟ ହୋଇପାରିବ ନାହିଁ । ଅତଏବ କୁରଆନ୍ କରୀମ ପ୍ରତ୍ୟେକ ଦୃଷ୍ଟିରୁ ପୂର୍ଣ୍ଣ ହେବାର ଦାବି ଉପସ୍ଥାପିତ କରିଥାଏ ଏବଂ କେହିବି ତା' ବିରୁଦ୍ଧରେ ନା ତିଷ୍ଠି ପାରିଛି ଓ ନା ତିଷ୍ଠି ପାରିବ । ଯେଉଁ ଲୋକମାନେ ଐଶୀବାଣୀ ସମ୍ବଳିତ ଧର୍ମଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନର ଅନୁକରଣ କଲେ ସେହିଭଳି ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଉକ୍ତ ଐଶୀବାଣୀ ସମ୍ବଳିତ ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍‌ର ପ୍ରଭାବ ପ୍ରକାଶିତ ହୋଇଥାଏ । ସତରାଂ ଏହା ମଧ୍ୟ ପବିତ୍ର କୁରଆନ୍‌ର ଏକ ବିଶେଷତ୍ୱ ଯେ, ଏହାର ଆଦେଶାବଳୀକୁ ପାଳନ କରୁଥିବା ବ୍ୟକ୍ତିମାନେ ହିଁ ଅସାଧାରଣ କଲ୍ୟାଣ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଥାଆନ୍ତି ।

ହ. ମସିହ୍ ମଉଦ୍ ଅ.ସ କହିଲେ, କୁରଆନ୍ ନିଜର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଓ ଓଜସ୍ୱୀତାକୁ ସତ୍ୟତା ଏବଂ ଆବଶ୍ୟକ ଶାଶ୍ୱତ ସତ୍ୟର ନିୟମିତ ଆଜ୍ଞା ପାଳନ ମାଧ୍ୟମରେ ଅବଗତ କରିଅଛି । ସମସ୍ତ ଧାର୍ମିକ ସତ୍ୟତା ଉପରେ ଆବେଷ୍ଟନୀ କରି ଦେଖାଇ ଦେଇଅଛି । ତହିଁରେ ପ୍ରତ୍ୟେକ ବିରୋଧୀ ପାଇଁ ସତ୍ୟାଧାରିତ ପ୍ରମାଣ ବହୁଳ ପରିମାଣରେ ମହଜୁଦ୍ ରହିଛି । କୁରଆନ୍ ଯେଉଁ ପ୍ରସଙ୍ଗରେ ଉପଦ୍ରବ ଦେଖିଲା ତାହାର ସଂଶୋଧନ ନିମନ୍ତେ ଅଣ୍ଟା ଭିଡ଼ିଛି । ନାନା ପ୍ରକାରର ରୋଗ ବୈରାଗ୍ୟର ଉପଚାର ତହିଁରି ଲିପିବଦ୍ଧ ହୋଇ ରହିଛି । ଅସତ୍ ଧର୍ମର ସମସ୍ତ ସନ୍ଦେହକୁ ଦୂରୀଭୂତ କରି ଦେଇଛି । ପବିତ୍ର କୁରଆନ୍ ପ୍ରତ୍ୟେକ ଆପତ୍ତିକାରୀ ପ୍ରଶ୍ନର ଉତ୍ତର ପ୍ରଦାନ କରିଛି । ଏଭଳି କୌଣସି ସତ୍ୟତା ନାହିଁ ଯାହାକି ଉକ୍ତ ଗ୍ରନ୍ଥରେ ବର୍ଣ୍ଣିତ ହୋଇ ନାହିଁ । ଉକ୍ତ ଗ୍ରନ୍ଥରେ କୌଣସି ଅନାବଶ୍ୟକ ପ୍ରସଙ୍ଗ ଉଲ୍ଲେଖିତ ନାହିଁ । କୌଣସି କଥା ଅନୁପଯୁକ୍ତ ଅବସରରେ ବର୍ଣ୍ଣିତ ହୋଇ ନାହିଁ, କୌଣସି ଶବ୍ଦ ନିରର୍ଥକ ରୂପେ ଦରଜ ହୋଇ ନାହିଁ । ଲାଳିତ୍ୟତାକୁ ଏଭଳି ପୂର୍ଣ୍ଣ ତଥା ସୌଷ୍ଠବ ଢଙ୍ଗରେ ଉପସ୍ଥାପିତ କରାଯାଇଛି ଯେ, ଏହାର ଜ୍ଞାନ ପ୍ରାରମ୍ଭିକ ଓ ଶେଷ ଲୋକମାନଙ୍କ ନିମନ୍ତେ ଉକ୍ତ ଗ୍ରନ୍ଥରେ ଭର୍ତ୍ତି କରିଦିଆଯାଇଛି । କୁରଆନ୍‌ର ଶିକ୍ଷା ଏଭଳି ଶିକ୍ଷା ଯାହାର ବ୍ୟାଖ୍ୟା ପ୍ରତ୍ୟେକ ଯୁଗ ଅନୁଯାୟୀ ଜ୍ଞାନ ପ୍ରଦାନ କରିଥାଏ। କ'ଣ କୌଣସି ବ୍ୟକ୍ତି ଏହିଭଳି ଶିକ୍ଷା ଅବଲୋକନ କରିଛି ଯାହା ସ୍ୱଳ୍ପ ଶବ୍ଦ ସଜ୍ଜୀକରଣ ମାଧ୍ୟମରେ ଜ୍ଞାନର ମହାସାଗର ପ୍ରବାହିତ କରିଦେଇଥାଏ ? ହ. ମସିହ୍ ମଉଦ୍ ଅ.ସ ପ୍ରତ୍ୟେକ ଧର୍ମାବଲମ୍ବୀମାନଙ୍କୁ ଚ୍ୟାଲେଞ୍ଜ୍ ଦେଇ କହିଲେ ଯେ, ଆସ ମୁଁ ତୁମମାନଙ୍କୁ ଉକ୍ତ ଗ୍ରନ୍ଥର ବିଶେଷତା ଦେଖାଇ ଦେଉଛି ଏବଂ ଆଜି ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବି ଉକ୍ତ ଚ୍ୟାଲେଞ୍ଜର କୌଣସି ଉତ୍ତର ପ୍ରଦାନ କରି ନାହିଁ । ଏସବୁ ସତ୍ତ୍ୱେ ବିରୋଧୀମାନେ ଆମ ଅହେମଦିମାନଙ୍କ ଉପରେ ମିଥ୍ୟାରୋପ କରୁଛନ୍ତି । ଆପଣ ଅ.ସ କହିଲେ, ଆମ ନିକଟରେ ବିଶ୍ୱାସକାରୀ ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍‌ର ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରେ ।

ହ. ମସିହ୍ ମଉଦ୍ ଅ.ସ କହିଲେ, ମୋକ୍ଷ ପ୍ରାପ୍ତ କରିବା ନିମନ୍ତେ ପ୍ରଭୁ ବାରମ୍ବାର କହିଛନ୍ତି ଯେ, **ସର୍ବପ୍ରଥମେ** ମନୁଷ୍ୟ ଭଗବାନଙ୍କୁ ଏକ, ଅଦ୍ୱିତୀୟ ଓ ଅସମକକ୍ଷ ବୋଲି ସ୍ୱୀକାର କରୁ ଓ **ଦ୍ୱିତୀୟତଃ** ଆଁହଜରତ ସ.ଅଙ୍କୁ ପ୍ରଭୁଙ୍କ ସତ୍ୟ ନବୀ ବୋଲି ବିଶ୍ୱାସ ରଖୁ । **ତୃତୀୟତଃ** କୁରଆନ୍ କରୀମ୍‌କୁ ପ୍ରଭୁଙ୍କର ଗ୍ରନ୍ଥ ବୋଲି ଗ୍ରହଣ କରୁ । ଆପଣ ଅ.ସ ପୁନଶ୍ଚ କୁରଆନୀୟ ମହାନତା ସଂକ୍ରାନ୍ତରେ କହିଲେ, ଶୁଣ ! ପ୍ରଭୁଙ୍କର ଅଭିଶାପ ଓ କୋପ ସେହି ବ୍ୟକ୍ତିମାନଙ୍କ ଉପରେ ପଡ଼ିଥାଏ ଯେଉଁମାନେ ଏହି ଦାବି ଉପସ୍ଥାପିତ କରନ୍ତି ଯେ, ସେମାନେ କୁରଆନ୍‌ର ସମକକ୍ଷ ଗ୍ରନ୍ଥ ଓ ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବେ। ପବିତ୍ର କୁରଆନ୍ ହେଉଛି ଏକ ଅଲୌକିକ ଚମତ୍କାର ସମ୍ବଳିତ ଧର୍ମଗ୍ରନ୍ଥ । ଏହାର ଦୃଷ୍ଟାନ୍ତ କୌଣସି ବ୍ୟକ୍ତି ଉପସ୍ଥାପନ କରିପାରିବ ନାହିଁ । ଏହାର ଗୂଢ଼ ରହସ୍ୟ ଓ ବିଶେଷତା ଉକ୍ତ ଗ୍ରନ୍ଥରେ ଏକତ୍ରିତ କରିଦିଆ ଯାଇଛି ଯାହାକୁ କୌଣସି ମାନବିକ ଜ୍ଞାନ ଆୟୁତ୍ତ କରିପାରିବ ନାହିଁ ।

ହ. ମସିହ୍ ମଉଦ୍ ଅ.ସ କହିଲେ, ଯଦି ମୋ ସହିତ କୌଣସି ନିଦର୍ଶନ ଓ ସମର୍ଥନ ଅନ୍ତର୍ଭୁକ୍ତ ହୋଇ ନଥାଆନ୍ତା, ମୁଁ ଯଦି କୁରଆନ୍‌କୁ ବାଦ୍ ଦେଇ ଅନ୍ୟ ଏକ ମାର୍ଗ ଆପଣାଇ ବସନ୍ତି ଅବା ଅନ୍ୟ କୌଣସି ପ୍ରସଙ୍ଗ କିମ୍ବା ତହିଁରୁ ଅର୍ଥାତ କୁରଆନ୍‌ରୁ କୌଣସି ପ୍ରସଙ୍ଗକୁ ବାଦ୍ ଦେଇଥାଆନ୍ତି କିମ୍ବା ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ପୃଥକ ହୋଇ ଅନ୍ୟ ଏକ ମାର୍ଗ ଆପଣାଇ ଥାଆନ୍ତି ତେବେ ଲୋକମାନେ ମୋ ଉପରେ ଆପତ୍ତି କରିପାରି ଥାଆନ୍ତେ ଯେ, ଆରେ ଉକ୍ତ ବ୍ୟକ୍ତି ଜଣକ

ରସୁଲୁଲ୍ଲାଃ ସ.ଅଙ୍କର ଶତ୍ରୁ ଏବଂ ପବିତ୍ର କୁରଆନର ଶତ୍ରୁ ଅଟେ । ସୁତରାଂ ମୁଁ ପବିତ୍ର କୁରଆନ୍‌ରେ କୌଣସି ପରିବର୍ତ୍ତନ କରି ନାହିଁ କି ମୁଁ ପୂର୍ବ ଧର୍ମ ବିଧାନମାନଙ୍କର କୌଣସି ବିନ୍ଦୁ ପରିବର୍ତ୍ତନ କରିଛି ? ବରଂ ମୁଁ କୁରଆନ୍ ଓ କୁରଆନୀୟ ଆଦେଶାବଳୀ ତଥା ଆଁହଜରତ ସ.ଅଙ୍କର ପବିତ୍ର ଧର୍ମର ସେବା ନିମନ୍ତେ ଅଣ୍ଟା ଭିଡ଼ିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କର ଏହି ଦାବି ରହିଛି ଯାହା ଉପରେ ଆମର ଏହି ବିଶ୍ୱାସ ରହିଛି ଯେ, ଆପଣ ଅ.ସଙ୍କ ମାଧ୍ୟମରେ ହିଁ କୁରଆନ୍ କରୀମ୍‌ର ଜ୍ଞାନ ଆମ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ଆପଣ ଅ.ସ ହିଁ ଆମମାନଙ୍କୁ ପ୍ରକୃତ ଜ୍ଞାନ ପ୍ରଦାନ କରିଛନ୍ତି । ସେହି ଲୋକମାନଙ୍କୁ ଚିନ୍ତା କରିବା ଉଚିତ ଯେଉଁମାନେ ଆମ ଜମାଅତ୍ ଉପରେ ଆରୋପ ଲଗାଉଛନ୍ତି । ଏହି ଲୋକମାନେ ଯେଉଁମାନେ ତହିଁରୁ ଯଦି ନିବୃତ୍ତ ନହୁଅନ୍ତି ତେବେ ଅଲ୍ଲାଃତାଲା ସେମାନଙ୍କୁ ଦଣ୍ଡିତ ନକରି କଦାପି ମୁକ୍ତି ପ୍ରଦାନ କରିବେ ନାହିଁ । ହୁଜୁର ଅନୱର୍ ଅ.ବ ହ. ମସିହ୍ ମଉଦ୍ ଅ.ସଙ୍କର ଲେଖନୀରୁ କୁରଆନ୍ କରୀମ୍‌ର ନ୍ୟାୟ ପ୍ରଦାନ କରିବା ସଂକ୍ରାନ୍ତରେ ଯେଉଁ ଆଦେଶାବଳୀ ରହିଛି ତାହା ଉପରେ ଆଲୋକପାତ କଲେ ଏବଂ କହିଲେ, ପବିତ୍ର କୁରଆନ୍ ନୀତି ହିଁ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବାର ମହାମନ୍ତ୍ର ଅର୍ଥାତ ପ୍ରକୃତ ଓ ଏକମାତ୍ର ପନ୍ଥା । ସାଂସାରିକ ଯୁଦ୍ଧରେ ଲିପ୍ତ ଜାତିମାନେ ଉକ୍ତ ନୀତିକୁ ଯଦି ବୁଝି ନିଅନ୍ତି ତେବେ ପୃଥିବୀରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହୋଇପାରିବ । ଯଦି ବିକାଶଶୀଳ ରାଷ୍ଟ୍ରମାନେ ନ୍ୟାୟ ସ୍ଥାପନ କରିବେ ନାହିଁ ତେବେ ପୃଥିବୀର ବିନାଶ ଅବଶ୍ୟାମ୍ଭୀ ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁରଆନ୍‌ର ପୂର୍ଣ୍ଣ ଶିକ୍ଷା ସମ୍ବନ୍ଧରେ ଘୋଷଣା କରି କୁହନ୍ତି, ଯଦି ପବିତ୍ର କୁରଆନ୍ ବିପରୀତ କୌଣସି ସତ୍ୟତା ଯାହାକି ଉକ୍ତ ଗ୍ରନ୍ଥରେ ଉଲ୍ଲେଖ ନାହିଁ କେହି ଉପସ୍ଥାପିତ କରିଦିଏ ଅବା ଏହାଠୁ ବି ଉତ୍କୃଷ୍ଟ କଥନ ମୋ ସମ୍ମୁଖରେ ଉପସ୍ଥାପିତ କରିଦିଏ ତେବେ ସେପରିପ୍ରେକ୍ଷୀରେ ମୁଁ ଆନନ୍ଦ ସହକାରେ ମୃତ୍ୟୁଦଣ୍ଡ ସ୍ୱୀକାର କରିବାକୁ ପ୍ରସ୍ତୁତ ଅଛି। ଆଜି କୁରଆନ୍ ହିଁ ସମଗ୍ର ବିଶ୍ୱରେ ଏକମାତ୍ର ଧର୍ମଗ୍ରନ୍ଥ ଯହିଁରେ ଏକେଶ୍ୱରବାଦ ଓ ଈଶ୍ୱରଙ୍କ ମର୍ଯ୍ୟାଦାର ଅନନ୍ୟ ଉଦାହରଣ ମହଜୁଦ୍ ରହିଛି । କୁରଆନ୍ ପ୍ରଭୁଙ୍କ ଉପରେ କୌଣସି ଦୋଷାରୋପ କରେ ନାହିଁ ବା ପ୍ରଭୁଙ୍କର କୌଣସି ଖୁଣ ଦର୍ଶାଏ ନାହିଁ ଏବଂ ଜୋର ଜବରଦସ୍ତ କୌଣସି ଶିକ୍ଷା ଗ୍ରହଣ କରିବାକୁ ବାଧ୍ୟ କରେ ନାହିଁ । ବରଂ ଲୋକମାନଙ୍କର ଉଚ୍ଚାରଣ ଓ ଆଚରଣ ମଧ୍ୟରେ ଯେଉଁ ତାରତମ୍ୟତା ରହିଛି ତାହାର ସଂଶୋଧନ କରିଥାଏ ଏବଂ ପ୍ରତ୍ୟେକ ଉପଦ୍ରବର ପ୍ରତିରୋଧ ଏଭଳି ସୁନ୍ଦର ଢଙ୍ଗରେ କରିଥାଏ ଯଦ୍ୱାରା ତାହା ଅତି ସହଜେ ପରିବ୍ୟାପ୍ତ ହୋଇଥାଏ ।

ହୁଜୁର ଅନୱର୍ ଅ.ବ ଦୁଆ କରି କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ସଠିକ୍ ରୂପେ କୁରଆନ୍ କରୀମକୁ ପାଠ କରିବାକୁ, ହୃଦୟଙ୍ଗମ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ନିଜର କାର୍ଯ୍ୟାନୁସରଣାତ୍ମକ ଜୀବନକୁ ତଦନୁଯାୟୀ ଶୃଙ୍ଖଳିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମେମାନେ ରମଜାନ ମାସରେ ଯେପରି ଲାଭାନ୍ୱିତ ହେଉଥିଲୁ ଠିକ୍ ସେହିପରି ରମଜାନ ମାସ ପରେ ମଧ୍ୟ ଲାଭାନ୍ୱିତ ହେଉଥିବୁ ।

ଖୁତ୍‌ବା ଜୁମା ଶେଷରେ ହୁଜୁର ଅନୱର୍ ଅ.ବ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରି କହିଲେ, ଜମାଅତ୍‌ର ବିରୋଧୀମାନଙ୍କର ଉପଦ୍ରବ ଠାରୁ ସୁରକ୍ଷିତ ରହିବା ନିମନ୍ତେ ଆପଣମାନେ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଉପଦ୍ରବକାରୀର ହସ୍ତକୁ ନିଷ୍କ୍ରିୟ କରି ଦିଅନ୍ତୁ ଏବଂ ସେମାନଙ୍କୁ ଯଥାଶୀଘ୍ର ଦଣ୍ଡିତ କରନ୍ତୁ । ସେହିପରି ହୁଜୁର ଅନୱର୍ ଅ.ବ ପୃଥିବୀର ସାମଗ୍ରିକ ପରିସ୍ଥିତି ଓ ପାଲେଷ୍ଟାଇନ୍‌ରେ ବାସ କରୁଥିବା ସାଧାରଣ ମୁସଲମାନ ନାଗରିକମାନଙ୍କ ନିମନ୍ତେ ମଧ୍ୟ ବିଶେଷ ରୂପେ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇ କହିଲେ, ଅଲ୍ଲାଃତାଲା ସେହି ଅତ୍ୟାଚାରୀମାନଙ୍କର ଅତ୍ୟାଚାରରୁ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

......................................

KHULASA KHUTBA JUMA HUZOOR ANWAR a.b.a
7th Apr. 2023